## ବ୍ରାଉନସୁଗାର ସହ ୧.୨୧ଲକ୍ଷ ଟଙ୍କା ଜବତ, ଜଣେ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ବ୍ରାଉନସୁଗାର ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିବା ସହ ତାଙ୍କଠାରୁ ୭୦ ଗ୍ରାମ ବ୍ରାଉନସୁଗାର ଓ ୧ ଲକ୍ଷ ୨୧ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ଗଡିଶାଗଡା ଥାନା ଅନ୍ତର୍ଗତ ସୁନାଖଳା ଗ୍ରାମର ଅନୁ ଓରଫ ଅନିରୁଦ୍ଧ ଜୟସିଂ (୩୬)। ଅନିରୁଦ୍ଧ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବେପାର କରନ୍ତି। ତାଙ୍କ ସମ୍ପର୍କରେ ଖବର ମିଳିବା ପରେ ପୋଲିସ ନଜର ରଖିଥିଲା। ବୁଧବାର ଅନିରୁଦ୍ଧ କେଶୁରା ବଢେଇବନ୍ଧ ଠାକୁରାଣୀ ନିକଟରେ ବେପାର କରୁଥିବାବେଳେ ପୋଲିସ ସେଠାରେ ଚଢ଼ାଉ କରି କାବୁ କରିଥିଲା। ଏନେଇ ମାମଲା (ନଂ-୨୦୪/୨୧) ରୁଜୁ କରି ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

### ଆଜି ବନ୍ଦ ରହିବ ଟିକା ଦାନ

**କଟକ ଅଫିସ,୧୩ା୫:** ସହରର ସମସ୍ତ ଟିକା କେନ୍ଦ୍ରରେ ଶୁକ୍ରବାର ଟିକାଦାନ ବନ୍ଦ ରହିବ। ଇଦ୍ ପାଇଁ ଟିକାଦାନ ବନ୍ଦ ରହିବ ବୋଲି ଗୁରୁବାର କଟକ ମହାନଗର ନିଗମ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

### ୨୯ କଏଦୀଙ୍କ ପାରୋଲ ମଞ୍ଜୁର

**ଚୌଦ୍ୱାର,୧୩ା୫(ଡି.ଏନ.ଏ.):** କରୋନା କବଳରୁ ଅନ୍ତେବାସୀମାନଙ୍କୁ ସୁରକ୍ଷା ଦେବା ପାଇଁ ଜେଲରେ ଅନ୍ତେବାସୀ ସଂଖ୍ୟା କମ୍ କରିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚୌଦ୍ୱାର ଜେଲର ୨୯ ଜଣ କଏଦୀଙ୍କୁ ପାରୋଲରେ ଛୁଟି ପ୍ରଦାନ କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ ଏ ସମ୍ପର୍କରେ ପତ୍ର ଆସିବା ପରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ୩ ଜଣ କଏଦୀଙ୍କୁ ଜେଲରୁ ଛଡ଼ା ଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ୨୬ଜଣଙ୍କୁ ଛଡ଼ାଯିବ ବୋଲି ଜେଲର ଅବିନାସ ବେହେରା ସୂଚନା ଦେଇଛନ୍ତି। ଏବେ ଜେଲକୁ ଆସୁଥିବା ନୂଆ କଏଦୀଙ୍କୁ ସଂଗରୋଧରେ ରଖାଯିବା, ଜେଲର ପ୍ରତ୍ୟେକ ୱାର୍ଡ଼, ଅଫିସ, ରାସ୍ତାକୁ ନିୟମିତ ଭାବେ ବିଶୋଧନ କରାଯାଉଥିବା, ସମସ୍ତଙ୍କ ପାଇଁ ଟିକା ବ୍ୟବସ୍ଥା କରାଯିବା ସହିତ କୋଭିଡ୍ ନିୟମାବଳିକୁ କଡାକଡି ପାଳନ କରାଯାଉଥିବା ବେହେରା ସୂଚନା ଦେଇଛନ୍ତି।

### ଚଉଠି ରାତିରେ ଗହଣା, ଟଙ୍କା ଧରି ନବବଧୂ ଚମ୍ପଟ

**ଭୁବନେଶ୍ୱର,୧୩ା୫(ବ୍ୟୁରୋ):** ଚଉଠି ରାତିରେ ଜଣେ ନବବଧୂ ଗହଣା ଓ ଟଙ୍କା ଧରି ପ୍ରେମିକ ସହ ଚମ୍ପଟ ମାରିଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଡୁମୁଡୁମା ରଘୁନାଥ ନଗରରେ ଏହି ଘଟଣା ଘଟିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଖଣ୍ଡଗିରି ଅଞ୍ଚଳର ସନ୍ତୋଷ ବାରିକ(୨୧) ଗତ ୭ ତାରିଖରେ ଫୁଲେଶ୍ୱର ବସ୍ତିର ଜଣେ ଯୁବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ୧୦ ତାରିଖ ଚତୁର୍ଥୀ ରାତିରେ ମୁଣ୍ଡ ବୁଲାଉଥିବା ନେଇ ନବବଧୂ କହିବାରୁ ସନ୍ତୋଷ ତାଙ୍କୁ ଆରାମ କରିବାକୁ କହିଥିଲେ। ସେ ଶୋଇଥିବା ସମୟରେ ପାୱାର କଟ୍ ହୋଇଥିଲା। ଏହି ସୁଯୋଗରେ ନବବଧୂ ଜଣକ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଏକ ବ୍ୟାଗ୍ ନେଇ ସେଠାରୁ ପଳାଇଥିଲେ। ଉକ୍ତ ବ୍ୟାଗ୍‌ରେ ୩ ଭରି ସୁନାଗହଣା ଓ ନଗଦ ୫୦ ହଜାର ଟଙ୍କା ଥିଲା। ତେବେ କିଛିସମୟ ପରେ ବିଦ୍ୟୁତ୍ ଆସିବାରୁ ନବବଧୂ ତାଙ୍କ ରୁମ୍‌ରେ ନ ଥିବା ଶାଶୁଘର ଲୋକେ ଦେଖି ଖୋଜାଖୋଜି କରିଥିଲେ। ତାଙ୍କୁ ନ ପାଇବାରୁ ୧୧ ତାରିଖରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ ।

# ମସ୍‌ଜିଦ ବଦଳରେ ଘରେ ନମାଜପାଠ

ଭୁବନେଶ୍ୱର, ୧୩ା୫ (ବ୍ୟୁରୋ)

କରୋନା ସଂକ୍ରମଣ ପାଇଁ ସାରା ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ କଟକଣା ଭିତରେ ଶୁକ୍ରବାର ପାଳିତ ହେବ ମୁସ୍‌ଲିମ୍ ସମ୍ପ୍ରଦାୟର ବଡ ପର୍ବ ଇଦ୍-ଉଲ୍-ଫିତର। ଗତବର୍ଷ କରୋନା କଟକଣା ପାଇଁ ଇଦ୍‌ରେ ସାମୁହିକ ନମାଜ ପାଠ କରାଯାଇ ପାରି ନ ଥିଲା। ଚଳିତ ବର୍ଷ ମଧ୍ୟ ମସଜିଦ୍‌ରେ ନମାଜ ପାଠ ବନ୍ଦ କରାଯାଇଛି। ସ୍ୱତନ୍ତ୍ର ନମାଜ ପାଠ କରାଯିବ ନାହିଁ କି, ଇଦ୍ ମୁବାରକ୍ ଧ୍ୱନିରେ ଇଦ୍‌ଗାହ ପ୍ରକମ୍ପିତ ହେବ ନାହିଁ। ଘରେ ରହି ସମସ୍ତେ ନମାଜ ପାଠ କରିବେ ବୋଲି ସୂଚନା ଦିଆଯାଇଛି।

ୟୁନିଟ-୪ ସ୍ଥିତ ଜାମା ମସ୍‌ଜିଦ୍‌ର ସଭାପତି ମହମ୍ମଦ ଶାହ ନୱାଜ କହିଛନ୍ତି, କରୋନା ପାଇଁ ଇଦ୍-ଉଲ୍-ଫିତର ଏକଦମ୍ ଫିକା ହୋଇଯିବ। ସରକାରୀ କଟକଣାକୁ ମାନି ପର୍ବ ପାଳନ କରିବାକୁ ପଡ଼ିବ।

**ଆଜି ଇଦ୍-ଉଲ୍-ଫିତର**

ଚଳିତ ବର୍ଷ ନୂଆବସ୍ତ୍ର ପିନ୍ଧିବା ପରମ୍ପରାକୁ ଆମେ ବନ୍ଦ କରିଛୁ। ସେହି ଅର୍ଥରେ ଆମେ ଗରିବ ଅସହାୟଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ ପାଇଁ ସ୍ଥିର କରିଛୁ। ଆଲ୍ଲାଙ୍କ ନିକଟରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରିବାକୁ ଇମାମଙ୍କୁ ଅନୁରୋଧ କରିଛୁ ବୋଲି ସେ କହିଛନ୍ତି। ସେହିପରି ୟୁନିଟ୍-୮ ମସ୍‌ଜିଦ୍‌ର ସେକ୍ରେଟାରୀ ଜଲିଲ୍ ଖାଁ କହିଛନ୍ତି, ଇସଲାମ୍ ଧର୍ମରେ ରମ୍‌ଜାନ ମାସ ଏକ ପବିତ୍ର ମାସ। ଏହି ମାସରେ ଦୈନିକ ୫ ଥର ନମାଜ ପଢିବା, ସକାଳଠାରୁ ସନ୍ଧ୍ୟା ଉପବାସ ରହିବା, ରାତିରେ ନମାଜ ପଢିବା ସହ ଅତି ନିଷ୍ଠାର ସହିତ ଏପରି ଏକ ମାସ ପାଳନ କରାଯାଏ। କିନ୍ତୁ ଏଥର ଲକ୍‌ଡାଉନ ଯୋଗୁ ଘରୁ ବାହାରକୁ ବାହାରି ହେବ ନାହିଁ। ତେଣୁ ଘରେ ହିଁ ନମାଜ ପାଠ କରିବା ସହ ଫୋନ୍ ଯୋଗେ ବନ୍ଧୁମାନଙ୍କୁ 'ଇଦ୍ ମୁବାରକ' ଜଣାଇବୁ।

# ୧୬ ମହିଳାଙ୍କ ସମେତ ୬୫ ବାସିନ୍ଦା ଗିରଫ

କଟକ ଅଫିସ, ୧୩ା୫

କଟକ ନୂଆପଡା ବାଲିସାହିଠାରେ ମଙ୍ଗଳବାର ପୋଲିସ ଓ କଟକ ମହାନଗର ନିଗମ(ସିଏମ୍‌ସି) କର୍ମଚାରୀଙ୍କୁ ବସ୍ତିବାସିନ୍ଦା ଆକ୍ରମଣ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ସ୍ଥାନୀୟ ଥାନାରେ ଗୁରୁବାର ଦୁଇଟି ମାମଲା(ନଂ.୧୦୭,୧୦୮/୨୧) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୧୬ ଜଣ ମହିଳାଙ୍କ ସମେତ ୬୫ ଜଣ ବାସିନ୍ଦାଙ୍କୁ ଗିରଫ କରିଛି।

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ଓ ତାଳଦଣ୍ଡା କେନାଲ ପ୍ରଶସ୍ତୀକରଣକୁ ନେଇ ସିଏମ୍‌ସି ପକ୍ଷରୁ ବିଭିନ୍ନ ସାହିର ୩ ହଜାରରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ବାଲିସାହିଠାରେ ଟେଣ୍ଟ ବନ୍ଧାଯାଇ ଥଇଥାନ କରାଯାଇଥିଲା। ମଙ୍ଗଳବାର

**ପୋଲିସ, ସିଏମ୍‌ସି କର୍ମଚାରୀଙ୍କୁ ଆକ୍ରମଣ ଘଟଣା**

କାଳବୈଶାଖୀ ପ୍ରଭାବରେ ତାହା ଭୁଶୁଡି ପଡିଥିଲା। ଏଥିରେ ୫ ଜଣ ଆହତ ହୋଇଥିଲେ। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମଧୁପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବସ୍ତିବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲା। ଉତ୍ୟକ୍ତ ବସ୍ତିବାସିନ୍ଦା ପୋଲିସ ଉପରକୁ ଢେଲାପଥର ଓ ବାଉଁଶ ମାଡ଼ କରିବା ସହ ପୋଲିସ ଭ୍ୟାନ୍, ଗୋଟିଏ ବୋଲେରୋ ଭଙ୍ଗାରୁଜା କରିଥିଲେ। ଏଥିରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ସେହିପରି ସେଠାରେ ଉପସ୍ଥିତ ଥିବା ସିଏମ୍‌ସି କର୍ମଚାରୀଙ୍କୁ ମଧ୍ୟ ବସ୍ତିବାସିନ୍ଦା ଆକ୍ରମଣ କରିଥିଲେ।

# ବିଧାୟକ, ପୂର୍ବତନ ବିଧାୟକଙ୍କ ଗିରଫ ଦାବିରେ ଧାରଣା

କଟକ ଅଫିସ, ୧୩ା୫

**କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ**

କୋଭିଡ୍‌ନିୟମ ଉଲ୍ଲଂଘନ ଅଭିଯୋଗରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରିବା ପାଇଁ ଦାବିକରି ଗୁରୁବାର ଭାଜପା କଟକ ନଗର ପକ୍ଷରୁ ମଧୁପାଟଣା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ମଧୁପାଟଣା ଥାନାରେ ଏସିପି ଓ ଆଇଆଇସିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଏଥିସହ ଗିରଫ ହୋଇଥିବା ବାଲିସାହି ବସ୍ତିବାସିନ୍ଦାଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। କାଳବୈଶାଖୀ ପ୍ରଭାବରେ ବାଲିସାହିଠାରେ ଅସ୍ଥାୟୀ ଟେଣ୍ଟ ଭୁଶୁଡି ପଡିବା ପରେ ସୌଭିକ୍ ଓ ପ୍ରଭାତ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ପରେ ବସ୍ତିବାସିନ୍ଦାଙ୍କ ସହିତ ସେମାନେ ଚାଲିଚାଲି ଯାଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଲକ୍‌ଡାଉନ୍ ସତ୍ତ୍ୱେ ଜନ ପ୍ରତିନିଧିମାନେ କିଭଳି ଭାବେ ବସ୍ତିବାସିନ୍ଦାଙ୍କ ସହ ଏକାଠି ହେଲେ ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ଦଳର ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ରାଜ୍ୟ ସଂଖ୍ୟାଲଘୁ ସଭାପତି ସିକନ୍ଦର ଅଲ୍ଲୀ, ବିଶ୍ୱରଞ୍ଜନ ମିଶ୍ର, ଶିବେଶ ମିଶ୍ର, ସୁବାସ ମହାନ୍ତି ଓ ବ୍ରଜକିଶୋର ସାହୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଧାୟକ ସୌଭିକ ବିଶ୍ୱାଳ କହିଛନ୍ତି, ଲକ୍‌ଡାଉନ୍ ଜାରି ହୋଇଥିଲେ ସୁଦ୍ଧା ଜୀବନ, ଜୀବିକା ପ୍ରଥମ। ବସ୍ତିବାସିନ୍ଦାଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ନ ପାରି ବିବେକ ଦୃଷ୍ଟିରୁ ଏଭଳି କରିବାକୁ ବାଧ ହେଲୁ ବୋଲି ସେ କହିଥିଲେ।

ସେହିପରି ବସ୍ତିବାସିନ୍ଦାଙ୍କ ଗିରଫଦାରିକୁ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ବିନା ସର୍ତ୍ତରେ ସେମାନଙ୍କୁ ଛାଡିବାକୁ ମଞ୍ଚ ଦାବି କରିଛି। ଏ ସମ୍ପର୍କରେ ମଞ୍ଚ ପକ୍ଷରୁ ଖଗେଶ୍ୱର ସେଠୀ ଟୁଇଟ୍ ମାଧ୍ୟମରେ ମୁଖ୍ୟ ସଚିବ, ଡିଜିପି, ପୋଲିସ କମିଶନରଙ୍କୁ ଜଣାଇଛନ୍ତି।

### ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ

ବସ୍ତି ଉନ୍ନୟନ ମହାସଂଘର ପକ୍ଷରୁ ଗୁରୁବାର ଆର୍‌ଡିସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାଲିସାହିଠାରେ ଥିବା ବସ୍ତିବାସିନ୍ଦାଙ୍କୁ ୧୫ ଦିନ ପାଇଁ ରନ୍ଧାଖାଦ୍ୟ, କର୍ମକ୍ଷେତ୍ରକୁ ଯାତାୟତ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରାଯାଉ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଆରଡିସିଙ୍କୁ ଭେଟି ବସ୍ତି ଉନ୍ନୟନ ମହାସଂଘ ସଭାପତି ତଥା ଏମ୍‌ପି ସୁବାସ ସିଂ ଉକ୍ତ ସ୍ମାରକ ପତ୍ର ପ୍ରଦାନ କରିଥିଲେ।


**ଆସୁଛି ଚନ୍ଦନ ଯାତ୍ରା:** ଚନ୍ଦନ ଚାପରେ ଲାଗିବା ପାଇଁ ମହାପ୍ରଭୁଙ୍କ ରୁପା ସିଂହାସନକୁ ଗୁରୁବାର ଏକ ଟ୍ରଲିରେ ଚନ୍ଦନ ଚକଡ଼ାକୁ ନିଆଯାଉଛି ।

### ଚିକିତ୍ସାଧୀନ ଅବସ୍ଥାରେ କଏଦୀ ମୃତ

ଚୌଦ୍ୱାର,୧୩ା୫(ଡି.ଏନ.ଏ.)

ଚୌଦ୍ୱାର ସର୍କଲ ଜେଲର ଜଣେ ବିଚାରାଧୀନ କଏଦୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ କଟକର ଭୋଳାନାଥ ଭଗତ। ଜେଲର ଅବିନାଶ ବେହେରାଙ୍କ ସୂଚନା ଅନୁଯାୟୀ, ଭୋଳାନାଥ ଏକ ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିଲେ। ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଅକ୍ସିଜେନ୍ ଲଗାଯାଇ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମ୍ଳାନ


@ ଅଜିତ୍


@ ରାଜା


@ କିରନ୍


@ ଚିତ୍ତରଞ୍ଜନ


@ ଭ୍ରମରବର

# ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଦାବି

କଟକ ଅଫିସ, ୧୩ା୫

ଓଡ଼ିଶାରେ ଦୈନିକ ୧୦ ହଜାର ଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି। ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଥିବା ସରକାର ସୂଚନା ଦେଉଛନ୍ତି । ଯାହା ପ୍ରକୃତରେ ସତ ନୁହଁ। ସେହିପରି ବିଭିନ୍ନ ବାର୍ ଆସୋସିଏଶନ୍‌ର ସଦସ୍ୟ ମଧ୍ୟ ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଗତ ମଙ୍ଗଳବାର କରୋନାରେ ଆକ୍ରାନ୍ତ ହୋଇ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜକିଶୋର ନାୟକଙ୍କ ମୃତ୍ୟୁ ଘଟିଥିଲା। କରୋନା ସଂକ୍ରମଣ ପ୍ରସଙ୍ଗରେ ରାଜ୍ୟର ସମସ୍ତ ଆଇନଜୀବୀ, ଜୁଡିସିଆଲ୍ ଅଫିସର ଓ କର୍ମଚାରୀଙ୍କ ନିମନ୍ତେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ହାଇକୋର୍ଟ ପରିସରରେ ନିଜସ୍ୱ ମେଡିକାଲ ରହିଥିବାବେଳେ ୨୦ଟି ଶଯ୍ୟା ରହିଛି। ଏଥିରେ ଅକ୍ସିଜେନ ଓ ଭେଣ୍ଟିଲେଟର ବ୍ୟବସ୍ଥା କରାଯିବା ସହ ସ୍ୱତନ୍ତ୍ର ମେଡିକାଲ ଷ୍ଟାଫ୍ ଓ ଡାକ୍ତର ନିଯୁକ୍ତି କରାଯାଉ। ରାଜ୍ୟ ସରକାରଙ୍କୁ ଏଥିପାଇଁ ହାଇକୋର୍ଟ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରନ୍ତୁ । ଆଇନଜୀବୀ, ଜୁଡିସିଆଲ୍ ଅଫିସର ଓ ଷ୍ଟାଫ୍ କରୋନାରେ ଆକ୍ରାନ୍ତ ହେଲେ ସେହି ଜିଲାର ଜିଲା ଜଜ୍‌ଙ୍କୁ ନୋଡାଲ୍ ଅଫିସର୍ ଭାବେ ନିଯୁକ୍ତି ଦେବାକୁ ପତ୍ରରେ ପ୍ରାର୍ଥନା କରାଯାଇଛି। ଏହାକୁ ନେଇ ଗୁରୁବାର ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ହାଇକୋର୍ଟରେ ମାମଲା ରୁଜୁ କରିବା ପାଇଁ ମୁଖ୍ୟ ବିଚାରପତିଙ୍କୁ ଲେଟର ପିଟିଶନ ମାଧ୍ୟମରେ ଅନୁରୋଧ କରିଛନ୍ତି।

# ସାହିତ୍ୟର ପ୍ରାଣସ୍ପନ୍ଦନ ପ୍ରତ୍ୟେକଙ୍କୁ ପ୍ରଭାବିତ କରିଥାଏ

ଭୁବନେଶ୍ୱର, ୧୩ା୫(ବ୍ୟୁରୋ)

ସାହିତ୍ୟ ସବୁବେଳେ ସମ୍ପର୍କ ଯୋଡେ ଓ ସମାଜ ଗଢେ। ବ୍ୟକ୍ତି ଓ ବିଶ୍ୱ ମଧ୍ୟରେ ଥିବା ସମ୍ପର୍କ ମଧ୍ୟରେ ଅସଂଖ୍ୟ ଅନୁଭବକୁ ବ୍ୟକ୍ତ କରିଥାଏ ସାହିତ୍ୟ। ସମୟର ସ୍ନାୟୁରେ ଶବ୍ଦ ସଂରଚନା ପ୍ରତ୍ୟେକ ସୃଜନଶୀଳତାର ଆଧାର ବୋଲି 'କୋଠଘର ଆମ ସାହିତ୍ୟ ପରିବାର'ର ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ ଉତ୍ସବରେ ମତ ପ୍ରକାଶ ପାଇଛି। ଭର୍ଚୁଆଲରେ ଅନୁଷ୍ଠିତ ଏହି ଉତ୍ସବକୁ ସାହିତ୍ୟିକ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟର ପ୍ରାଣସ୍ପନ୍ଦନ ପ୍ରତ୍ୟେକଙ୍କୁ ପ୍ରଭାବିତ କରିଥାଏ ବୋଲି କହିଥିଲେ। କବି ହେଉଛନ୍ତି ଅନାଦି, ଅମର, ସେ ହିଁ ସୃଜନ ଓ ସ୍ୱପ୍ନର ସଂକଳ୍ପମୟ




ସୌଦାଗର ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା କବି ହୁସେନ୍ ରବିଗାନ୍ଧୀ କହିଥିଲେ। ଓଡ଼ିଶାର ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁ ସାହିତ୍ୟର ଉନ୍ନତି ପାଇଁ କୋଠଘର ସାହିତ୍ୟାନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'କୋଠଘର' ସଂକଳନ ଉନ୍ମୋଚିତ ହୋଇଥିଲା। ସଭା ପରେ କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା।

### କିଟ୍ ଓ କିସ୍ ପକ୍ଷରୁ ୧୫ ଜିଲାରେ ରନ୍ଧାଖାଦ୍ୟ ବଣ୍ଟନ

ଭୁବନେଶ୍ୱର, ୧୩ା୫(ବ୍ୟୁରୋ)

କରୋନା ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମେ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିଯୋଗୁ ଦୋକାନ ବଜାର ଓ ହୋଟେଲ ଆଦି ବନ୍ଦ ରହୁଥିବାରୁ ନିରାଶ୍ରୟ, ଗରିବ ଓ ନିଃସହାୟ ଲୋକେ ଖାଦ୍ୟପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ କିଟ୍ ଓ କିସ୍ ପକ୍ଷରୁ କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ବୌଦ୍ଧ, ଗଞ୍ଜାମ ଓ ଗଜପତି ଆଦି ଜିଲାରେ ଥିବା ଏହି ବର୍ଗର ଲୋକଙ୍କୁ ମଧ୍ୟାହ୍ନଭୋଜନରେ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନ ସହଯୋଗରେ ବିଭିନ୍ନ ଜିଲାରେ ଥିବା ଅନୁଷ୍ଠାନର କର୍ମଚାରୀମାନେ ପ୍ରତି ଜିଲା ସଦର ମହକୁମା ଅଞ୍ଚଳରେ ପ୍ରାୟ ୧୫୦ଜଣ ନିରାଶ୍ରୟ, ଗରିବ ଓ ନିଃସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି। ଭୁବନେଶ୍ୱରରେ ମଧ୍ୟ ୪ଟି ସ୍ଥାନ ବୁଦ୍ଧନଗର ଲେପ୍ରୋସି କଲୋନି, ମଞ୍ଚେଶ୍ୱର ଜଗନ୍ନାଥ ଲେପ୍ରୋସି କଲୋନୀ, କେଶରୀନଗର ସ୍ୱପ୍ନା ଟ୍ରଷ୍ଟ ଓ ୪୧ ନମ୍ବର ୱାର୍ଡରେ ଥିବା ବ୍ଲାଇଣ୍ଡ୍ ଆସୋସିଏଶନଠାରେ ଅନୁଷ୍ଠାନ ପକ୍ଷରୁ ମଧ୍ୟାହ୍ନଭୋଜନ ଓ ରାତ୍ର ଭୋଜନରେ ଦୁଇ ଓଳି ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି।

# ଲକ୍‌ଡାଉନ୍‌ରେ ମାତିଛନ୍ତି ଲୁଟେରା

ଭୁବନେଶ୍ୱର,୧୩ା୫(ବ୍ୟୁରୋ)

ଭୁବନେଶ୍ୱରରେ ଲକ୍‌ଡାଉନ୍ କଟକଣା କଡାକଡି ପାଳନ ହେଉଥିବା କମିଶନରେଟ ପୋଲିସ କହୁଛି। ପ୍ରମୁଖ ଛକରେ ଯାଞ୍ଚ କରାଯାଇ ଗାଡିମୋଟର ଓ ଲୋକଙ୍କୁ ଛଡ଼ାଯାଉଛି। ଏହାସତ୍ତ୍ୱେ ସହରରେ ଲୁଟେରା ଉତ୍ପାତ କରୁଛନ୍ତି। ଗୁରୁବାର ବାଣୀବିହାର ଛକ ନିକଟ ସତ୍‌ସଙ୍ଗ ବିହାର ରାସ୍ତାରେ ଯୁବତୀଙ୍କ ଭ୍ୟାନିଟି ଝାମ୍ପି ନେଇଛନ୍ତି ଲୁଟେରା। ଭ୍ୟାନିଟ୍‌ରେ କିଛି ଟଙ୍କା ଓ ୩ଟି ମୋବାଇଲ ଫୋନ୍ ଥିଲା। ଏନେଇ ଲୁଟର ଶିକାର ଯୁବତୀମାନେ ଶହୀଦନଗର ଥାନାରେ ଅଭଯୋଗ କରିଛନ୍ତି।

**ଯୁବତୀଙ୍କ ଭ୍ୟାନିଟି ଲୁଟିନେଲେ**

ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ଅଞ୍ଚଳରେ ରହୁଥିବା ୩ଜଣ ଯୁବତୀ ମଞ୍ଚେଶ୍ୱରରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ସେମାନେ ଡ୍ୟୁଟି ସାରି ଅପରାହ୍ନ ୫ଟାରେ ସାଇକେଲରେ ଫେରୁଥିଲେ। ବର୍ଷା ହେଉଥିବାରୁ ସେମାନେ ନିଜର ୩ଟି ମୋବାଇଲକୁ ଜଣଙ୍କ ଭ୍ୟାନିଟିରେ ପୂରାଇ ସାଇକେଲ କ୍ୟାରିଅରରେ ରଖି ଯାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ଗୋଟିଏ ବାଇକରେ ଆସି ଉକ୍ତ ଭ୍ୟାନିଟିକୁ ଝାମ୍ପିନେଇ ଚମ୍ପଟ ମାରିଥିଲେ।

# ହକର୍‌ଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦିଆଯାଉ

କଟକ ଅଫିସ, ୧୩ା୫

**ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘର ଦାବି**

କରୋନା ମହାମାରୀ ସମୟରେ ବିଭିନ୍ନ ବର୍ଗର ଲୋକଙ୍କୁ ସରକାର ସହାୟତା ଦେଇଛନ୍ତି। ହେଲେ ହକରମାନଙ୍କୁ କୌଣସି ସହାୟତା ଦିଆଯାଇନାହିଁ। ଏହି ସମୟରେ ହକର୍‌ମାନେ ବିପଦ ମଧ୍ୟରେ ଖବରକାଗଜ ବିତରଣ କରୁଛନ୍ତି। ଏଣୁ ସେମାନଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ମାନ୍ୟତା ଦେବାକୁ ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ହକର୍‌ମାନଙ୍କୁ ମାଗଣାରେ ଟିକା ପ୍ରଦାନ, ସେମାନଙ୍କ ପରିବାରକୁ ସୁରକ୍ଷା ପାଇଁ ବୀମାଭୁକ୍ତ କରିବା ସହ ପ୍ରୋତ୍ସାହନମୂଳକ ରାଶି ଦେବାକୁ ସଂଘ ଦାବି କରିଛି। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଉପରୋକ୍ତ ଦାବି ସମ୍ପର୍କରେ ସଂଘ ସଭାପତି ବିଜୟ କୁମାର ପଢିହାରୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ ଓ ଉପସଭାପତି ଶ୍ରୀନିବାସ ରେଡ୍ଡୀ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ଉତ୍କଳ ଗ୍ୟାଲେରିଆ ପକ୍ଷରୁ ନର୍ସ ଦିବସ

ଭୁବନେଶ୍ୱର,୧୩ା୫

ଉତ୍କଳ କନିକା ଗ୍ୟାଲେରିଆ ପକ୍ଷରୁ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ମହାମାରୀରେ ନିଜ ଘର ଓ ପରିବାରକୁ ପଛରେ ପକାଇ ରୋଗୀଙ୍କୁ ସେବା ଯୋଗାଣ ପାଇଁ ନର୍ସଙ୍କୁ ସଂସ୍ଥା ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଏହି ଅବସରର ୟୁନିଟ ୪ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ନର୍ସ ସସ୍ମିତା ପାଣିଗ୍ରାହୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନ ସେ ବିଏମ୍‌ସି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଥିବା ସ୍ୱତନ୍ତ୍ର ଟିକାକରଣ 'ଡ୍ରାଇଭ ଇନ୍ ଭାକ୍ସିନେଶନ' କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ନିର୍ବାହ ସହ ଉତ୍କଳ ଗ୍ୟାଲେରିଆ ପାର୍କିଂ ପରିସରରେ ଚାଲିଥିବା ଟିକା କାର୍ଯ୍ୟକ୍ରମର ଦାୟିତ୍ୱରେ ଅଛନ୍ତି। ଉତ୍କଳ ଗ୍ୟାଲେରିଆର ମଲ୍ ମୁଖ୍ୟ ତରୁଣ ଭଟ୍ଟ କହିଛନ୍ତି, ବିଏମ୍‌ସି ପକ୍ଷରୁ କରାଯାଉଥିବା ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥାକୁ ମଲ୍ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଉଛି। ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସଂସ୍ଥାର ମାର୍କେଟିଂ ହେଡ୍ ଦୁଲାଲ ଚନ୍ଦ୍ର ସାହୁ ଏବଂ ମାର୍କେଟିଂ ମ୍ୟାନେଜର ସୁଦାମ ସାହୁ ପରିଚାଳନା କରିଥିଲେ।

## ସ୍ୱଚ୍ଛ ଜଳ ଯୋଗାଣ ପାଇଁ ଦାବି

ପୁରୀ ଅଫିସ: ପୁରୀ ସହରରେ ପାନୀୟଜଳ ସମସ୍ୟା ଦୂର ହୋଇପାରୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପୌରପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଇପ୍ ପାଣି ଗୋଳିଆ ସହ ଫେଣ ବାହାରୁଥିବା ଅଭିଯୋଗ ହୋଇଛି। ନରେନ୍ଦ୍ରକୋଣ ଅଞ୍ଚଳ, ମାର୍କେଣ୍ଡେଶ୍ୱରସାହି, ମଙ୍ଗଳାସାହି ଆଦି ଅଞ୍ଚଳର ବାସିନ୍ଦା ଏଭଳି ଅଭିଯୋଗ ଆଣି ଜଳକର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଏ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ
୧୩.୦୫.୨୦୨୧
୧୧୩୩ ଟଙ୍କା

## ସଂକ୍ଷେପରେ

### ଚିକିତ୍ସାରେ ଅବହେଳା ଅଭିଯୋଗ

ଜଟଣୀ,୧୩ା୫(ଡି.ଏନ୍.ଏ.): କରୋନା ପାଇଁ ଖୋର୍ଦ୍ଧା ଜିଲାର ବିଭିନ୍ନ ଚିକିତ୍ସା କେନ୍ଦ୍ରରେ କୋଭିଡ୍ ପରୀକ୍ଷା ସହ ଟିକାକରଣ ଜାରି ରହିଛି। ତେବେ ଅନ୍ୟ ସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ଠିକ୍ ଭାବେ ଚିକିତ୍ସା ପାଇପାରୁ ନ ଥିବା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, କୋଭିଡ୍ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଓ କୋଭିଡ୍ ପରୀକ୍ଷା ଜାରି ରହିଛି। ଏଥିପାଇଁ ଡାକ୍ତର ଓ କର୍ମଚାରୀମାନେ ବ୍ୟସ୍ତ ଥିବା ବେଳେ ଅନ୍ୟ ସେବା ପାଇଁ ଆସୁଥିବା ରୋଗୀମାନେ ଚିକିତ୍ସା ଅଭାବରୁ ଫେରିଯାଉଛନ୍ତି। ଅପରପକ୍ଷେ ଅନ୍ୟ ସେବା ପାଇଁ ଆସୁଥିବା ରୋଗୀମାନେ ମଧ କୋଭିଡ୍ ଟେଷ୍ଟ ଓ ଟିକାକରଣ ପାଇଁ ଆସୁଥିବା ଲୋକଙ୍କ ସହ ଧାଡ଼ିରେ ଛିଡ଼ା ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ରୋଗୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ଚିକିତ୍ସକଙ୍କ ଅଭାବ ରହିଛି। ଅନ୍ୟ ରୋଗୀଙ୍କ ଚିକିତ୍ସା ପାଇଁ ଧାଡ଼ି କରାଯିବା ସହ ଡାକ୍ତର ନିୟୋଜିତ ପାଇଁ ଦାବି ହେଉଛି।

### ପ୍ରତି ୱାର୍ଡରେ ଟିକାକରଣ ବ୍ୟବସ୍ଥା ହେଉ

ପୁରୀ ଅଫିସ, ୧୩ା୫: ପୁରୀ ସହରର ପ୍ରତ୍ୟେକ ୱାର୍ଡରେ କୋଭିଡ ଟିକାକରଣ ବ୍ୟବସ୍ଥା କରାଯିବାକୁ ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଟିଜ୍ ଦାବି କରିଛି। ଏ ନେଇ ଆସୋସିଏଶନ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ ସହରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଟିକାକରଣ ବ୍ୟବସ୍ଥା କରାଯାଇଛି। ତେବେ ସୀମିତ ସଂଖ୍ୟକ ଟିକାକରଣ କେନ୍ଦ୍ର ଥିବାରୁ ଟିକା ନେବା ପାଇଁ ପ୍ରବଳ ଭିଡ଼ ଜମୁଛି। ଏହାଦ୍ୱାରା ଆହୁରି ସଂକ୍ରମଣ ବ୍ୟାପିବାର ଆଶଙ୍କା ରହୁଛି। ତେଣୁ ପ୍ରତ୍ୟେକ ୱାର୍ଡରେ ଟିକାକରଣ କେନ୍ଦ୍ର ଖୋଲାଯାଉ। ସତ୍ୟ ନାରାୟଣ ସାହୁ, ସନ୍ତୋଷ କୁମାର ପ୍ରଧାନୀ, ଦେବରାଜ ଦାସ, ଆଦିତ୍ୟ ନାରାୟଣ ବାରିକ, ପ୍ରିୟଙ୍କା ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଡି. ସୁବୁଦ୍ଧି ଦାବିପତ୍ର ପ୍ରଦାନ କରିଥିଲେ।

### କାଳବୈଶାଖୀରେ ଫସଲ ନଷ୍ଟ

କଣାସ,୧୩ା୫(ସ୍ୱ.ପ୍ର.): କାଳବୈଶାଖୀରେ କଣାସ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଧାନଗଛ ଶୋଇପଡ଼ିଥିବା ବେଳେ ଜମିରେ ପାଣି ଥିବାରୁ ସେଗୁଡ଼ିକ ଗଜା ହୋଇଯିବା ଆଶଙ୍କା ରହିଛି। ଚାଷୀମାନେ ମୁଣ୍ଡରେ ହାତଦେଇଛନ୍ତି। ଅନ୍ୟପଟେ ଅନେକ ଚାଷୀ ଧାନ ଅମଳ କରି ଜମିରେ ଗଦେଇଥିବା ବେଳେ କେତେଜଣ ବସ୍ତାରେ ରଖିଛନ୍ତି। ତିନିଦିନ ହେବ ଅପରାହ୍ଣରେ ବର୍ଷା ସହ ପବନ ହେଉଥିବାରୁ ବହୁ ଧାନ ନଷ୍ଟ ହୋଇଗଲାଣି। ଫଳରେ ଧାନଚାଷ ପାଇଁ ଋଣ ଆଣିଥିବା ଚାଷୀମାନେ କିପରି ପରିଶୋଧ କରିବେ ସେଇ ଚିନ୍ତାରେ ପଡ଼ିଛନ୍ତି।

# ଜୀବିକା ଚିନ୍ତାରେ ବାଉଁଶ କାରିଗର

ଖୋର୍ଦ୍ଧା ଅଫିସ,୧୩ା୫:

ରାଜ୍ୟରେ କରୋନା ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଜାରିରହିଛି। ଏଥିଯୋଗୁ ରାସ୍ତାପାର୍ଶ୍ୱ ବାଉଁଶ କାରିଗରଙ୍କ ବେପାର ମାନ୍ଦା ପଡ଼ିଛି। ବେପାର ହେଉ ନ ଥିବାରୁ ସେମାନଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହେଉଛି। ପୂର୍ବରୁ ଦିନକୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟବସାୟୀଙ୍କ ପାଇଁ ଏବେ ୬ଘଣ୍ଟାରେ ଶହେ ଟଙ୍କା ରୋଜଗାର କରିବା ମୁସ୍କିଲ ହେଉଛି। ଖୋର୍ଦ୍ଧା ନୂଆବସ୍‌ଷ୍ଟାଣ୍ଡରେ ରହୁଥିବା ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପରିବାର ଏବେ ଦୁଃଖକଷ୍ଟରେ ଚଳୁଛନ୍ତି। ସେମାନଙ୍କୁ ପରିବାର ଚିନ୍ତା ଘାରିଛି। ରାତି ପାହିଲେ ରାସ୍ତାକଡ଼ରେ ବାଉଁଶ ନିର୍ମିତ ସାମଗ୍ରୀର ପସରା ମେଲି ସେମାନେ ବସୁଛନ୍ତି ସତ ହେଲେ ଗ୍ରାହକଙ୍କ ଦେଖାନାହିଁ। କାରିଗର ସିଦ୍ଧାର୍ଥ ପାତ୍ର କହିଛନ୍ତି, ଏଠାରେ ଆମେ



ରାସ୍ତାକଡରେ ବାଉଁଶ ସାମଗ୍ରୀର ପସରା ।

ଦୀର୍ଘବର୍ଷ ଧରି ବଂଶାନୁକ୍ରମିକ ଭାବେ ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀ ବିକ୍ରି କରି ପରିବାର ଚଳାଉଛୁ। ଗ୍ରାହକଙ୍କ ଚାହିଦାନୁସାରେ ଚାଙ୍ଗୁଡ଼ି, ଝୁଡ଼ି, ପରିବା ଡାଲା, ବିଞ୍ଚଣା, ଫୁଲଦାନି, ଖଇଆ, ପଁଅରା ସମେତ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ବିକ୍ରି କରୁଛୁ। ବିବାହ, ବ୍ରତ, ସମେତ ବିଭିନ୍ନ ପର୍ବପର୍ବାଣିରେ ରୋଜଗାର ଭଲ ହୋଇଥାଏ। ମାତ୍ର କରୋନା ସଂକ୍ରମଣ ବଢ଼ିବା ପରଠାରୁ ଆମ ବେପାରରେ ଗ୍ରହଣ ଲାଗିଯାଇଛି। ଗତ ବର୍ଷସାରା କିଛି ବେପାର ହୋଇ ନ ଥିବାବେଳେ ଏବେ ମଧ ସେହି ସ୍ଥିତି। ଲକ୍‌ଡାଉନ, ଶଟ୍‌ଡାଉନ ମଧ୍ୟରେ ବାଉଁଶ କାରିଗର ପେଷି

**ଲକ୍‌ଡାଉନ୍ ପାଇଁ ବେପାର ମାନ୍ଦା**

ହୋଇଯାଉଛନ୍ତି। ପୂର୍ବରୁ ଦୈନିକ ୧ ହଜାର ଟଙ୍କା ପର୍ଯ୍ୟନ୍ତ ବେପାର ହେଉଥିଲା। ଏବେ ଶହେ ଟଙ୍କା ବି ମିଳୁନି। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ରହିଛି। ହେଲେ ବଜାରକୁ କାଁ ଭାଁ ଲୋକେ ଆସୁଥିବାରୁ ବେପାର ପୂରା ମାନ୍ଦା। ଗତ ସପ୍ତାହକ ମଧ୍ୟରେ ମାତ୍ର ୬ଶହ ଟଙ୍କା ରୋଜଗାର ହୋଇଛି। ଏଥିରେ ପରିବାର କିପରି ଚଳାଇବୁ ସେଇ ଚିନ୍ତା ଘାରିଛି। ଗୋଟିଏ ପଟେ କରୋନା ଭୟ, ଅନ୍ୟପଟେ ପେଟ ଚିନ୍ତା। ଏମିତି ଦୋଛକିରେ ବାଉଁଶ କାରିଗରଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ସିଦ୍ଧାର୍ଥଙ୍କ ସମେତ ବହୁ ବାଉଁଶ କାରିଗର ଦାବି କରିଛନ୍ତି।



**ଆସୁଛି ଚନ୍ଦନ ଯାତ୍ରା:** ଚନ୍ଦନ ଚାପରେ ଲାଗିବା ପାଇଁ ମହାପ୍ରଭୁଙ୍କ ରୁପା ସିଂହାସନକୁ ଗୁରୁବାର ଏକ ଟ୍ରଲିରେ ଚନ୍ଦନ ଚକଡ଼ାକୁ ନିଆଯାଉଛି ।

## ଟିକାକେନ୍ଦ୍ର ପରିଦର୍ଶନ କଲେ ବିଡିଓ

ଗୋପ,୧୩ା୫(ଡି.ଏନ୍.ଏ.): ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ନେବା ଲାଗି ଦୈନିକ ଶତାଧିକ ଲୋକ ଧାଡ଼ିରେ ଛିଡ଼ା ହୋଇ ଫେରୁଥିବାରୁ ଟିକାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏବେ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ ଟିକାକରଣ କରାଯିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ବିଡିଓ ଦୀପ୍ତିରାଣୀ ଦାସ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ ପ୍ରମୁଖ ଏହି ଟିକାକେନ୍ଦ୍ର ପରିଦର୍ଶନ କରିଥିଲେ। ଲୋକେ ଯେପରି ଠିକ୍ ଭାବେ ଟିକା ନେଇ ଫେରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା।

## ଆମ ପୋଲିସ ସମିତି ବୈଠକ

ପୁରୀ ଅଫିସ,୧୩ା୫: ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ଭର୍ଚ୍ଚୁଆଲ ମାଧ୍ୟମରେ ଗୁରୁବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି କନୱର ବିଶାଳ ସିଂ ଅଧ୍ୟକ୍ଷତା କରିଥିଲେ। କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଚନ୍ଦନଯାତ୍ରା ଓ ଲକଡାଉନ ସମ୍ପର୍କରେ କମିଟି ସଦସ୍ୟ, ବରିଷ୍ଠ ନାଗରିକ, ସେବାୟତଙ୍କ ସହ ଆଲୋଚନା କରି ମତାମତ ନେଇଥିଲେ। ଚନ୍ଦନଯାତ୍ରା ସମୟରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏସ୍‌ଓପିକୁ ପାଳନ କରିବାକୁ ବୈଠକ ମାଧ୍ୟମରେ ନିବେଦନ କରାଯାଇଛି। ଜନସାଧାରଣ ଏଥିରେ ସହଯୋଗ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡାଙ୍କୁ ଆମ ପୋଲିସ ସମିତି ବୈଠକର ନୋଡାଲ ଅଫିସର ଭାବେ ଏସ୍‌ପି ସିଂ ଦାୟିତ୍ୱ ଦେଇଥିଲେ। ଏଥିସହ ତାଙ୍କୁ ସାହାଯ୍ୟ କରିବା ପାଇଁ ସିଟି ଡିଏସ୍‌ପି ଏବଂ ଜିଲାର ସମସ୍ତ ଏସ୍‌ଡିପିଓଙ୍କୁ ଦାଇତ୍ୱ ଦିଆଯାଇଛି।





@ ଅମ୍ଳାନ



@ ଅଜିତ୍



@ ରାଜା



@ କିରଣ



@ ଚିତ୍ତରଞ୍ଜନ



@ ଭ୍ରମରବର

# ମଦ ଦୋକାନ ଲଟେରି ଫିକ୍ସିଂର ଖୋଳତାଡ଼

ପୁରୀ ଅଫିସ, ୧୩ା୫:

**୩ ଦିନିଆ ରିମାଣ୍ଡରେ ଦୁର୍ଦ୍ଦାନ୍ତ ପପୁ**

ବଟି ମାଗିବା, ମଦ ଦୋକାନ ଲଟେରି ଫିକ୍ସିଂ, ମରଣାନ୍ତକ ଆକ୍ରମଣ ଓ ଧମକ ଦେବା ଅଭିଯୋଗରେ ଗିରଫ ହୋଇଥିବା ଧାନକୁଟି ସାହିର ଧୀରେନ୍ଦ୍ରନାଥ ବରାଳ ଓରଫ ପପୁଙ୍କୁ ପୁରୀ ଟାଉନ ଥାନା ପୋଲିସ ୩ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି। ପପଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ପୋଲିସ ଆବେଦନ କରିଥିବା ବେଳେ କୋର୍ଟ ୩ଦିନ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଅଭିଯୁକ୍ତ ପପୁଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ୩୪ଟି ମାମଲା ରହିଛି। ଗତ ଜାନୁୟାରୀରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପପୁ କିଛି ମାସ ତଳେ ଜେଲରୁ ଜାମିନରେ ଆସି ପୁଣି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ। ମଦ ଦୋକାନ ନେବା ପାଇଁ ସରକାରଙ୍କ ପକ୍ଷରୁ ଏଥର ଲଟେରି ବ୍ୟବସ୍ଥା କରାଯାଉଛି। ଲଟେରି ମାଧ୍ୟମରେ ଦୋକାନ ନେବା ନିମନ୍ତେ ଯେଉଁ ମଦ ଦୋକାନୀ ଆବେଦନ କରୁଥିଲେ ପପୁ ସେମାନଙ୍କୁ ଧମକ ଦେବା ସହ ବଟି ଆଦାୟ କରୁଥିଲେ। ବଟି ନ ଦେଲେ ହତ୍ୟା ଧମକ ଦେଉଥିଲେ। ଏ ସମ୍ପର୍କରେ ପୋଲିସ ପ୍ରମାଣ ପାଇବା ପରେ ପପୁ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଗତ ୫ତାରିଖରେ ଗିରଫ କରିଥିଲା। ଏ ନେଇ କେସ୍ ନଂ. ୧୨୫/୨୧ ରୁଜୁ ହୋଇଥିଲା। ପପୁଙ୍କ ସହ ଅନ୍ୟ ବଡ ବଡ ଅପରାଧୀଙ୍କ ଲିଙ୍କ ଥିବା ପୋଲିସ ସନ୍ଦେହ କରୁଛି। ୩ ଦିନିଆ ରିମାଣ୍ଡରେ ଆସିଥିବା ପପୁଙ୍କଠାରୁ ପୋଲିସ ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ବିଶେଷକରି ମଦ ଦୋକାନ ଲଟେରି ଫିକ୍ସିଂ ମାମଲାରେ ପପୁଙ୍କ ସହ ଆଉ କେଉଁମାନେ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି।

# 'ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କାକଟପୁର, ୧୩ା୫(ଡି.ଏନ୍.ଏ):

ନିଶିଗନ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ସାରସ୍ୱତ ଆଲୋଚନା ଚକ୍ର ଗୁଗଲ୍ ମିଟ୍ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନୁଷ୍ଠାନର ପଥ ପ୍ରଦର୍ଶକ କବି ପଦ୍ମନାଭ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଡ. ରଜନୀ ରଞ୍ଜନ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାତା ବଳରାମ ତରାଇ ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଭାପତି ଡ. ଗୀତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ନାରାୟଣ ରଥ ଭଜନ ପରିବେଷଣ କରିଥିଲେ। 'ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନା ଚକ୍ରରେ ଅର୍ଥନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ 'ରାଜନୈତିକ ପୃଷ୍ଠଭୂମିରେ ସାହିତ୍ୟ ଏକ ଅନୁଶୀଳନ' ଉପରେ ଓଡ଼ିଆ ଭାଷା ଆନ୍ଦୋଳନର ସଚିବ ତଥା ଗବେଷକ ଡ. ସୁବ୍ରତ ପୃଷ୍ଟି ନିଜ ବିବରଣୀ ରଖିଥିଲେ। ତୃତୀୟ ପର୍ଯ୍ୟାୟରେ 'ଆଧୁନିକ କବିତାର ଦିଗ ଓ ଦିଗନ୍ତ' ଉପରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ତଥା ସାହିତ୍ୟିକ ଡ. କୁଳମଣି ଓଝା ମୂଲ୍ୟବାନ ତଥ୍ୟ ରଖିଥିଲେ। ରାଜ୍ୟ ସଂଯୋଜକ ଯୁଧିଷ୍ଠିର ମୁଦୁଲି ଆଲୋଚନାଚକ୍ର ପରିଚାଳନା କରିଥିଲେ। ମୁଖ୍ୟ ସମ୍ପାଦିକା ସରସ୍ୱତୀ ନାୟକ ଧନ୍ୟବାଦ ଦେଇଥିଲେ। ଉପସଭାପତି ଚିତ୍ତରଞ୍ଜନ ନନ୍ଦ ଓ ରାଜ୍ୟ ପୃଷ୍ଠପୋଷକ କରୁଣାକର ମଲ୍ଲିକ ଆଲୋଚନାର ସାରାଂଶ ପାଠ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଉପସ୍ଥିତ ଥିଲେ। ପଶ୍ଚିମାଞ୍ଚଳ ବିଚାରକ କୈଳାଶ ପଟ୍ଟନାୟକ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହସଂଯୋଜକ ତ୍ରିନାଥ ପଟ୍ଟନାୟକ ସହଯୋଗ କରିଥିଲେ।

## ୩ ଦୋକାନ ସିଲ୍

ପିପିଲି,୧୩ା୫(ଡି.ଏନ୍.ଏ.): ପିପିଲି ବଜାରସ୍ଥିତ ଦୋକାନରେ ଗୁରୁବାର ବିଡିଓ ରଶ୍ମିତା ନାଥ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ମାସ୍କ ପରିଧାନ କରି ନ ଥିବା ବ୍ୟକ୍ତିଙ୍କୁ ତାଗିଦ କରିବା ସହ ଦୋକାନ ଆଗରେ ସାମାଜିକ ଦୂରତ୍ୱ ନ ଥିବାରୁ ଜରିମାନା ଆଦାୟ ସହ ୩ଟି ଦୋକାନ ସିଲ୍ କରିଛନ୍ତି। ଏହି ଚଢ଼ାଉରେ ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି, ଏଏସଆଇ ପ୍ରକାଶ ମଲିକ, ପ୍ରହ୍ଲାଦ ବରାଳ ପ୍ରମୁଖ ସାମିଲ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟାରମ୍ଭ

ଅସ୍ତରଙ୍ଗ, ୧୩ା୫(ଡି.ଏନ୍.ଏ):

ଅସ୍ତରଙ୍ଗ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କେତେକ ଗ୍ରାମପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଣମଣ ଗ୍ରାମର ପୋଖରୀ କାର୍ଯ୍ୟରେ ୬୦ଜଣ ଶ୍ରମିକ ସାନିଟାଇଜେଶନ ଓ ମାସ୍କ ବ୍ୟବହାର କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୫ଲକ୍ଷ ଟଙ୍କାରେ ହେବାକୁ ଥିବା ଏହି ପୋଖରୀର ପୁନରୁଦ୍ଧାର ପାଇଁ ଜଣେ ଶ୍ରମିକଙ୍କ ଦୈନିକ ମଜୁରି ୨୧୨ ଟଙ୍କା ରହିଛି। କୋଭିଡ୍ ନିୟମ ମୁତାବକ ଏହି କାର୍ଯ୍ୟ ଚାଲୁ ଥିବାବେଳେ ସରକାର ଉକ୍ତ ସମୟରେ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଦେଇଥିବାରୁ ଶ୍ରମିକଙ୍କ ପରିବାର ଖୁସି ବୋଲି ନିରଞ୍ଜନ, ପ୍ରସନ୍ନ, ସୀତା ପ୍ରମୁଖ ଶ୍ରମିକମାନେ କହିଛନ୍ତି। ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ଛୁରିଅନା ସରପଞ୍ଚ ବିଦ୍ୟୁଲତା ବିଶ୍ୱାଳ, ଯନ୍ତ୍ରୀ, ଜିଆର୍‌ଏସ୍ ଓ ଗ୍ରାମ ସାଥୀ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଆଲୋଚନା

ପୁରୀ ଅଫିସ,୧୩ା୫:

ପୁରୀ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କ ସଭାପତିତ୍ୱରେ ଭର୍ଚ୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ବର୍ଷାଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା କିଭଳି ଭାବେ କରାଯିବ ସେ ନେଇ ଆଲୋଚନା ହୋଇଛି। ପାଣିପାଗ ସମ୍ପର୍କିତ ସତର୍କ ସୂଚନା ପ୍ରଦାନ, ଜିଲା ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ, ବନ୍ୟା କ୍ଷତିଗ୍ରସ୍ତ ଆଶଙ୍କା ଥିବା ଅଞ୍ଚଳ ଚିହ୍ନଟ ଓ ମୁକାବିଲା ନିମନ୍ତେ ବୈଠକରେ ମତପ୍ରକାଶ ପାଇଛି। ସେହିଭଳି ବନ୍ୟାଜଳ ନିଷ୍କାସନ, ମୋଟର ଡଙ୍ଗା, ବାତ୍ୟା ଆଶ୍ରୟସ୍ଥଳୀ, ଶୁଖିଲା ଖାଦ୍ୟ, ସ୍ୱାସ୍ଥ୍ୟସେବା, ଔଷଧ, ପାନୀୟଜଳ ଓ ପଶୁଖାଦ୍ୟ ପ୍ରସ୍ତୁତ ରଖିବା ପାଇଁ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଓଡ୍ରାଫ୍ ଓ ଆପଦ ମିତ୍ର ଭଳି ସ୍ୱେଚ୍ଛାସେବୀ ସଙ୍ଗଠନ କିଭଳି ଭାବେ ଠିକ ସ୍ଥାନରେ ମୁତୟନ ହୋଇପାରିବେ ଓ ସଜାଗ ରହି କାର୍ଯ୍ୟ କରିବେ ସେନେଇ ଜିଲା ପ୍ରଶାସନ ସଚେତନ ଥିବା ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାସ, ସୁଭାଷ ଚନ୍ଦ୍ର ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲା ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।



ଭର୍ଚ୍ଚୁଆଲ ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀ ।

# ଗାଁରେ ବ୍ୟାପୁଛି ଜ୍ୱର, ଟେଷ୍ଟିଂ ବ୍ୟବସ୍ଥା ନାହିଁ

ପୁରୀ ଅଫିସ,୧୩ା୫:

- ଜିଲାରେ ନାହିଁ ମୋବାଇଲ ଟେଷ୍ଟିଂ ଭ୍ୟାନ୍ ସୁବିଧା
- ଦୁଇଦିନ ହେଲା ଗ୍ରାମାଞ୍ଚଳରେ ହୋଇନି ଟିକାକରଣ

ପୁରୀ ଜିଲାର ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି। ତଥାପି ପ୍ରଶାସନ ପକ୍ଷରୁ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍ ବୁଲୁଥିବା ଦେଖିବାକୁ ମିଳୁନାହିଁ। ସଂକ୍ରମଣ ବ୍ୟାପୁଥିବା ସତ୍ତ୍ୱେ ଲୋକେ ଟେଷ୍ଟିଂ କରିବା ପାଇଁ ଘରୁ ବାହାରୁ ନାହାନ୍ତି। ଏଥିପାଇଁ ଜନ ସଚେତନତାର ଅଭାବ ସାଙ୍ଗକୁ ପ୍ରଶାସନର ଅବହେଳାକୁ ବୁଦ୍ଧିଜୀବୀ ଦାୟୀ କରୁଛନ୍ତି। ପ୍ରଶାସନ ଚାହିଁଲେ ମୋବାଇଲ ଟେଷ୍ଟିଂ ଭ୍ୟାନ୍ ଗାଁ ଗାଁ ବୁଲି ସଂକ୍ରମିତଙ୍କୁ ଚିହ୍ନଟ କରିପାରନ୍ତା ବୋଲି କୃଷ୍ଣପ୍ରସାଦ ବ୍ଲକ୍ ନୂଆଗାଁ ବାସିନ୍ଦା ଜିତେନ୍ଦ୍ର କୁମାର ମାଝି କହିଛନ୍ତି।

ସୂଚନା ଅନୁଯାୟୀ, ଘରେ ଘରେ ଲୋକଙ୍କୁ ଜ୍ୱର ସହ ଶ୍ୱାସଜନିତ ସମସ୍ୟା ଦେଖାଯାଉଛି। କୋଭିଡ୍‌ରେ ମୃତ୍ୟୁ ଘଟିବା ପରେ ବି ସମ୍ପୃକ୍ତ ବ୍ୟକ୍ତି କୋଭିଡ୍ ସଂକ୍ରମିତ ଥିଲେ ବୋଲି ସେମାନଙ୍କ ସମ୍ପର୍କୀୟ କହିବାକୁ ଚାହୁଁନାହାନ୍ତି। ନୂଆଗାଁ, ଫୁଲବାରି, ଟିଡିପ, ଦେଓପଡ଼ା, ବଡ଼ଝାର ଓ ଗୋମୁଣ୍ଡିଆ ଭଳି ଗ୍ରାମରେ ସଂକ୍ରମଣ ସ୍ଥିତି ଚିନ୍ତାଜନକ ହୋଇପଡ଼ିଲାଣି। ସେହିପରି ଉଭୟ ଭାକ୍ସିନେଶନ୍ ଓ ଟେଷ୍ଟିଂ କ୍ଷେତ୍ରରେ ପୁରୀ ଜିଲାର ଗ୍ରାମାଞ୍ଚଳ ପଛରେ ପଡ଼ିଛି। ଭାକ୍ସିନ୍ କମ୍ ମାତ୍ରାରେ ଆସୁଥିବାରୁ ଜିଲା ପ୍ରଶାସନ ଏହାର ଠିକ ଭାବେ ଆବଣ୍ଟନ କରିବା ଉଚିତ। ପ୍ରଶାସନ କେବଳ ସହରରେ ଭାକ୍ସିନେଶନ୍‌କୁ ଫୋକସ୍ କରିବାରେ ଲାଗିଛି। ଫଳରେ ଗ୍ରାମାଞ୍ଚଳରେ ପ୍ରଥମ ଡୋଜ୍ ନେବାର ଦୁଇମାସ ପରେ ବି ଲୋକେ ଦ୍ୱିତୀୟ ଡୋଜ୍‌କୁ ଅପେକ୍ଷା କରି ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ତଥ୍ୟ ଅନୁଯାୟୀ, ଗତ ଦୁଇଦିନ ହେବ ଗ୍ରାମାଞ୍ଚଳରେ ଭାକ୍ସିନେଶନ୍ ହୋଇନାହିଁ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଭାକ୍ସିନେଶନ୍ ଅତି କମ୍ ପରିମାଣରେ ହୋଇଛି। ଭାକ୍ସିନ୍ ପରିମାଣ କମ୍ ଥିବାରୁ ପ୍ରଶାସନ ଏଭଳି କରିବାକୁ ବାଧ ହେଉଛି। ତେବେ ପୁରୀ ସହରର ୮ ସ୍ଥାନରେ ଟିକାକରଣ ଚାଲିଛି। ଗ୍ରାମାଞ୍ଚଳରେ ଟିକାକରଣକୁ ନେଇ ଏତେ ଅବହେଳା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ଟିକାର ପ୍ରଥମ ଡୋଜ୍ ନେବା ପରେ ୨ୟ ଡୋଜ୍ ୪୨ରୁ ୫୬ ଦିନ ମଧ୍ୟରେ ନେବା କଥା। ବ୍ରହ୍ମଗିରି, ପୁରୀ ସଦର, କୃଷ୍ଣପ୍ରସାଦ, ସାକ୍ଷୀଗୋପାଳ ଓ ଡେଲାଙ୍ଗ ଭଳି ଅନେକ ସ୍ଥାନରେ ଲୋକେ ୪୨ ଦିନର ସମୟକୁ ଅତିକ୍ରମ କରିସାରିଲେଣି। ଏହାସତ୍ତ୍ୱେ ଟିକାକରଣ ହୋଇପାରୁନାହିଁ। ସେହିଭଳି ଟିକାକରଣ ପାଇଁ ମୋବାଇଲ ଫୋନ୍‌କୁ ମେସେଜ ଆସିବା ନେଇ ଅପେକ୍ଷା କରିଥିବା ଲୋକଙ୍କୁ ନିରାଶ ହେବାକୁ ପଡୁଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ କହିଛନ୍ତି, ଯେଉଁ ଆପ୍ ମାଧ୍ୟମରେ ରେଜିଷ୍ଟ୍ରେଶନ୍ କରିବା ପରେ ମୋବାଇଲକୁ ମେସେଜ୍ ଆସୁଥିଲା, ତାହା ମାଧ୍ୟମରେ ୨ୟ ଡୋଜ୍ ପାଇଁ ଲୋକଙ୍କୁ ମେସେଜ୍ ଯାଇପାରୁନାହିଁ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅକ୍ସିଜେନ୍ ଅଭାବ ସ୍ଥିତି ରହିଛି। ଟେଷ୍ଟିଂ ହେଉ ନ ଥିବାରୁ ଲୋକେ ଡାକ୍ତରଖାନା ବାରଣ୍ଡା ମାଡୁନାହାନ୍ତି। ଠିକ୍ ସମୟରେ ଟେଷ୍ଟିଂ ଓ ରିପୋର୍ଟ ଅଭାବରୁ ମୃତକଙ୍କ ନମ୍ବର କୋଭିଡ୍ ମୃତ୍ୟୁ ପରିସଂଖ୍ୟାନକୁ ଆସିପାରୁନାହିଁ। କୃଷ୍ଣପ୍ରସାଦ ଭଳି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାମାଞ୍ଚଳ ପାଇଁ ମାତ୍ର ୧୦ଟି ଅକ୍ସିଜେନ୍ ସିଲିଣ୍ଡର ବ୍ୟବସ୍ଥା ରହିଛି। ପୁରୀ ଜିଲାରେ କୋଭିଡ୍‌ଜନିତ ସ୍ୱାସ୍ଥ୍ୟସେବା ପାଇଁ ୫୪୩ଟି ସିଲିଣ୍ଡର ମହଜୁଦ ଥିବାବେଳେ ଆଇଡିଏଚ୍‌ରେ ୧୯୯ ଅକ୍ସିଜେନ୍ ସିଲିଣ୍ଡର ରହିଛି। ଆଇସିୟୁରେ ଲାଗୁଥିବା ଡି-ଟାଇପ୍ ସିଲିଣ୍ଡର ସଂଖ୍ୟା ୧୪୯। ଏହାବ୍ୟତୀତ ଜିଲାର ବିଭିନ୍ନ କୋଭିଡ୍ ସେଣ୍ଟରକୁ ମିଶାଇ ୩୯୪ ବି-ଟାଇପ୍ ସିଲିଣ୍ଡର ରହିଛି ବୋଲି ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି କହିଛନ୍ତି।